# ପାରମ୍ପରିକ କାରିଗର, କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଲକ୍ଷ୍ୟ

ରାୟଗଡା,୧୯।୨(ଆଶିଷ ରଞ୍ଜନ ପଣ୍ଡା)

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ହିତାଧିକାରୀଙ୍କ ପାଇଁ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ତରଫରୁ ରାୟଗଡ଼ାସ୍ଥିତ ସରକାରୀ ଆଇଟିଆଇ ପରିସରରେ ଜିଲା ଶିଳ୍ପ କେନ୍ଦ୍ର ଓ ଏମ୍ଏସ୍ଏମ୍ଇ ବିଭାଗ ମିଳିତ ସହଯୋଗିତାରେ ଗୁରୁବାର ପ୍ରଦର୍ଶନୀ ତଥା ବାଣିଜ୍ୟ ମେଳା ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ଜିଲାପାଳ ନବୀନ ନାୟକ ଯୋଗଦେଇ ବିଶ୍ୱକର୍ମା ଯୋଜନା ଅଧୀନରେ ନିଜ ଦକ୍ଷତା ଅନୁଯାୟୀ କିପରି ଜଣେ ସଫଳ ଉଦ୍ୟୋଗପତି ହୋଇପାରିବେ ସେ ସମ୍ପର୍କରେ ସମସ୍ତଙ୍କୁ ଜଣାଇଥିଲେ। ଏମ୍ଏସ୍ଏମ୍ଇ ଯୁଗ୍ମ ନିର୍ଦ୍ଦେଶକ ପି. କେ. ଗୁପ୍ତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମେଳାର ଆୟୋଜନ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ।



ଅତିଥି ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ଏହି ମେଳା କାରିଗରଙ୍କୁ ୧୮ରୁ ଅଧିକ ପାରମ୍ପରିକ ବ୍ୟବସାୟ ପ୍ରଦର୍ଶନ କରିବା, ଗ୍ରାହକଙ୍କ ସହ ସଂଯୋଗ ସ୍ଥାପନ କରିବା, ଦକ୍ଷତା ସ୍ୱୀକୃତି ଏବଂ ଆର୍ଥିକ ସହାୟତା ପାଇବା ପାଇଁ ଏକ ପ୍ଲାଟଫର୍ମ ହୋଇପାରିଛି। ମୁଖ୍ୟତଃ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅଧୀନରେ ପଞ୍ଜୀକୃତ ପାରମ୍ପରିକ କାରିଗର ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ସମର୍ଥନ ଏବଂ

### ଏମ୍ଏସ୍ଏମ୍ଇ ବାଣିଜ୍ୟ ମେଳା

ବଜାର ପ୍ରବେଶ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ ବୋଲି ସୂଚନା ମିଳିଛି। ଏଥିରେ ସ୍ଥାନୀୟ ସରକାରୀ ଆଇଟିଆଇର ସଫଳ ବିଦ୍ୟାର୍ଥୀଙ୍କ ଦ୍ୱାରା ଅନ୍ତର୍ନିହିତ ଦକ୍ଷତାର ଉତ୍ପାଦ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଏମ୍ଇ ରାଜ୍ୟ କୋଅର୍ଡିନେଟର ଏସ୍.କେ. ସାହୁ, କଟକ ଏମ୍ଏସ୍ଏମ୍ଇ ଡେଭଲପମେଣ୍ଟ ଏକ୍ସପର୍ଟ ସମପ୍ତିକା ମହାପାତ୍ର, ଆଞ୍ଚଳିକ ଶିଳ୍ପ କେନ୍ଦ୍ର ଜିଏମ୍ ଏସ୍. କେ. ପଟ୍ଟନାୟକ, ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ, ଏମ୍ଏସ୍ଏମ୍ଇ ଡିଏଫଓ ସୁଭାଷ କୁମାର ସାହୁ ଉପସ୍ଥିତ ଥିଲେ। ଶେଷରେ ସଫଳପ୍ରଦ ଭାବେ ୫ ଜଣ ମନୋନୀତଙ୍କୁ ୧ ଲକ୍ଷ ଟଙ୍କା ଋଣ ଚେକ୍ ପ୍ରଦାନ କରାଯାଇଥିଲା।

# ମାଟ୍ରିକ୍ ପରୀକ୍ଷା ଦେଲେ ୧୨,୨୫୭ ଛାତ୍ରୀଛାତ୍ର



ରାୟଗଡ଼ା ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷୟିତ୍ରୀ ଛାତ୍ରୀଙ୍କ ଆଡ୍‌ମିଟ୍ କାର୍ଡ ଯାଞ୍ଚ କରି ପରୀକ୍ଷା କେନ୍ଦ୍ର ଭିତରକୁ ଛାଡୁଛନ୍ତି।

ରାୟଗଡ଼ା,୧୯।୨(ଆଶିଷ ରଞ୍ଜନ ପଣ୍ଡା)

ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ରାୟଗଡ଼ା ଜିଲାର ୬୪ଟି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା । ରେଗୁଲାର, ଏକ୍ସରେଗୁଲାର ଏବଂ ଓଡ଼ିଶା ମୁକ୍ତ ବିଦ୍ୟାଳୟ ଅଧୀନରେ ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ପାଇଁ ମୋଟ ୧୨୫୮୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ମୋଟ ୧୨ହଜାର ୨୫୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ବାର୍ଷିକ ପରୀକ୍ଷାରେ ୨୩୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ

### ୩୨୭ ପରୀକ୍ଷାର୍ଥୀ ଅନୁପସ୍ଥିତ

ରହିଥିବା ବେଳେ ମୁକ୍ତ ବିଦ୍ୟାଳୟର ୯୭ଜଣ ଅନୁପସ୍ଥିତ ରହିଛନ୍ତି । ପରୀକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିବା ବେଳେ ଫ୍ଲାଇଂ ସ୍କ୍ୱାଡ୍ ୧୦ଟି ପରୀକ୍ଷା କେନ୍ଦ୍ର ବୁଲି କପି ଯାଞ୍ଚ କରିଥିଲେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାରେ କୌଣସି ସ୍ଥାନରେ କପି ହୋଇ ନ ଥିବା ଜଣାପଡ଼ିଛି ।

# ଭୈରବଗଡ଼ ଟିମ୍ ଚାମ୍ପିୟନ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ଚନ୍ଦ୍ରପୁର, ୧୯।୨ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡା ସଦର ମହକୁମାରେ ଚାଲିଥିବା ଶ୍ରୀନିବାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଡାଙ୍ଗସୋରଡ଼ା ଟିମ୍‌କୁ ହରାଇ ଭୈରବଗଡ଼ ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ ଡାଙ୍ଗସୋରଡା ଟିମ୍ ଟସ୍ ଜିତି ୧୫ ଓଭର ଖେଳି ମାତ୍ର ୫୯ ରନ୍ କରିଥିଲା। ଜବାବରେ ଭୈରବଗଡ଼ ମାତ୍ର ୫ ଓଭରରେ ୩ ଉଇକେଟ ହରାଇ ୬୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚରେ ବିଜୟୀ ଦଳକୁ ୨୫,୦୦୦ ଟଙ୍କା ଏବଂ ରନର ଦଳକୁ ୧୫ ୦୦୦ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ

### ଶ୍ରୀନିବାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଉତ୍ତମ ଖେଳାଳି, ଉତ୍ତମ ଧାରା ବିବରଣୀ ପାଇଁ ସୁବ୍ରତ ମଣ୍ଡଳ, ବାମଦେବ ବଦାକୁଲୁଙ୍କ ସହ ମୁଖ୍ୟ ଆୟୋଜକ ଭରତ ହିଆଲ, ଜଦୁ ଟା, ଲିକୁ ହିଆଲ, ତପନ ଦଣ୍ଡସେନାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାଙ୍ଗସୋରଡା ଥାନା ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପୂର୍ବତନ କ୍ରିକେଟର ବିଜୟ ଉଲାକା, ସମ୍ମାନିତ ଅତିଥି ଭାବେ ଶ୍ରୀନିବାସ ମେମୋରିଆଲର ମୁଖ୍ୟ ପପିନା ହରିଚନ୍ଦନଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।

# ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ କରାଗଲା ସଚେତନ

### ଭୂତ ଭୟରେ ଗ୍ରାମବାସୀ ଆତଙ୍କିତ

ରାୟଗଡ଼ା,୧୯।୨(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡା ବିଡିଓ ମାରିଗୁଡା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଭୂତକୁ ନେଇ ଗାଁ ଲୋକ ଆତଙ୍କିତ ଖବର ପ୍ରକାଶ ପାଇବା ପରେ ରାୟଗଡ଼ା ଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ରାୟଗଡା ବିଡିଓ ସୁଜିତ୍ ମିଶ୍ର ଗାଁରେ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। ବିଡିଓ ମିଶ୍ର ଗୁରୁବାର ରାୟଗଡା ସହରରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ମାରିଗୁଡା ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିବା ସହ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହେବା ପାଇଁ ସଚେତନ କରିଥିଲେ। ସେହିପରି ଗାଁର ମୃତ ୫ଜଣଙ୍କ ପରିବାରକୁ ସାକ୍ଷାତ କରି ସେମାନଙ୍କ ବୟାନ ନେଇଥିଲେ।

ମାରିଗୁଡା ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗତ ୧ ମାସ ହେଲାଣି ଏହି ଗାଁରେ ଭୂତପ୍ରେତକୁ ନେଇ କୋକୁଆ ଭୟ ସୃଷ୍ଟି ହୋଇଛି। ଗତ ୫ ମାସ ମଧ୍ୟରେ ଗାଁର ୫ ଜଣ କାଶ୍ମି ତାଡିଙ୍ଗି, ବାବୁ ମାଣ୍ଡାଙ୍ଗି, କାମଲା କିଲକା, ପୁଲାମେ ମାଣ୍ଡାଙ୍ଗି ଓ ପୁଲ ମାଣ୍ଡାଙ୍ଗି ମୃତ୍ୟୁବରଣ କରିବା ପରେ ଗ୍ରାମର ୪୫ ପରିବାର ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ସନ୍ଧ୍ୟା ନଇଁଲେ ଗାଁ ମୁଣ୍ଡରେ ଥିବା ଗଛରୁ ଧୂଆଁ ବାହାରୁଛି ଆଉ ବିଳମ୍ବିତ ରାତିରେ ବିକଟାଳ ଶବ୍ଦ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ଗାଁର ଯୁବକମାନେ ଭୂତକୁ ତଡିବା ପାଇଁ ଠେଙ୍ଗାବାଡି ଧରି ରାତି ଅନିଦ୍ରା ହେଉଛନ୍ତି। ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଏତେ ଭରିଛି ଯେ, ବାହାର ଲୋକଙ୍କୁ ଗାଁକୁ ନ ଆସିବା ପାଇଁ ଜ୍ୟୋତି ବିଡିକା, କାମରାଜୁ ତାଡିଙ୍ଗିଙ୍କ ସହ ଅନ୍ୟ ଗ୍ରାମବାସୀ କହୁଛନ୍ତି। ବିଡିଓ ଗାଁ ଲୋକଙ୍କୁ ବୁଝାଶୁଝା କରିବା ସହ ଯେଉଁ ସମସ୍ୟା ରହିଛି କିଭଳି ସ୍ଥାୟୀ ସମାଧାନ ହେବ ସେ ନେଇ ପ୍ରତିକାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅସୁସ୍ଥ ହେଲେ ନିକଟସ୍ଥ ଚିକିତ୍ସା କେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରନ୍ତୁ ବୋଲି ପରାମର୍ଶ ଦେବା ସହ ଅତିଶୀଘ୍ର ଏହି ଗାଁରୁ ଅନ୍ଧବିଶ୍ୱାସଜନିତ ଭୟ ଦୂରହେବ ବୋଲି ବିଡିଓ କହିଛନ୍ତି ।

## ଗୁଡ଼ାରି: ପ୍ରଥମ ଦିନରେ ୧୧ ପରୀକ୍ଷାର୍ଥୀ ଅନୁପସ୍ଥିତ

ଗୁଡ଼ାରି,୧୯।୨ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକ୍‌ର ୩ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ୧୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ମୋଟ ୫୩୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଦିନ ୫୨୬ ଜଣ ପରୀକ୍ଷା ଦେଇଥିଲେ। ଗୁଡାରି ପିଏମ୍‌ଶ୍ରୀ ସରକାରୀ ହାଇସ୍କୁଲରେ ୨୫୭ ଜଣ ପରକ୍ଷାର୍ଥୀଙ୍କ ମଧ୍ୟରୁ ୨୫୧ ଜଣ ପରୀକ୍ଷା ଦେଇଥିଲେ ଏବଂ ୬ ଜଣ ଅନୁପସ୍ଥିତ ଥିଲେ। ସ୍ଥାନୀୟ ସରକାରୀ ଏସ୍ଏସ୍‌ଡି ବାଳିକା ହାଇସ୍କୁଲରେ ୧୬୫ ଜଣଙ୍କ ମଧ୍ୟରୁ ୧୬୩ ଜଣ ପରୀକ୍ଷା ଦେଇଥିଲେ ଏବଂ ୨ ଜଣ ଅନୁପସ୍ଥିତ ଥିଲେ। ଲୋକନାଥପୁର ହାଇସ୍କୁଲରେ ୧୧୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୨ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ ଓ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ପ୍ରଥମ ଦିନ ସମସ୍ତ କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ର ସହ ପରୀକ୍ଷା ହୋଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା ସୂଚନା ଦେଇଛନ୍ତି।

## ଚନ୍ଦ୍ରପୁର: ପ୍ରଥମ ଦିନରେ ୮ ପରୀକ୍ଷାର୍ଥୀ ଅନୁପସ୍ଥିତ

ଚନ୍ଦ୍ରପୁର,୧୯।୨ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଡାଙ୍ଗସୋରଡା ଉଚ୍ଚ ବିଦ୍ୟାଳୟରେ ଶାନ୍ତିଶୃଙ୍ଖଳାର ସହ ଗୁରୁବାର ପ୍ରଥମ ଦିନ ପରୀକ୍ଷା ଶେଷ ହୋଇଛି। ଚନ୍ଦ୍ରପୁର ନୋଡାଲ ସ୍କୁଲରେ ୧୭୮, ପରିବର୍ତ୍ତେ ୧୭୫, ଚନ୍ଦ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ୧୩୩, ପରିବର୍ତ୍ତେ ୧୩୧, ଡାଙ୍ଗସୋରଡା ଉଚ୍ଚ ବିଦ୍ୟାଳୟର ୧୩୬ ପରିବର୍ତ୍ତେ ୧୩୩, ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ନେଇ ଶୃଙ୍ଖଳା ଦାୟିତ୍ୱରେ ଥିବା ସହକାରୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ସୂଚନା ଦେଇଛନ୍ତି। ୮ଛାତ୍ରୀଛାତ୍ର ଅନୁପସ୍ଥିତ ତାହାର କାରଣ ଜଣା ପଡ଼ିନାହିଁ ବୋଲି ଚନ୍ଦ୍ରପୁର ନୋଡାଲ ହାଇ ସ୍କୁଲର ପ୍ରଧାନ ଶିକ୍ଷକ କେଶବ ବେହେରା ମଣ୍ଡଳ ସୂଚନା ଦେଇଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ନଂ. | ଖତିୟାନ ର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଲତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଟାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଳ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

**OIPR-32001/32557/3/25-26/0003**

## ମାଝୀଗୁଡ଼ା ଭାଜପା ମଣ୍ଡଳ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

କଲ୍ୟାଣସିଂହପୁର,୧୯।୨ (ଦୀପକ କୁମାର ପରିଡ଼ା)

କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ସେରିଗୁମାଠାରେ ମାଝୀଗୁଡା ଭାଜପା ମଣ୍ଡଳ ସଭାପତି ଅନିଲ କୁମାର ଜାଡିଙ୍କ ନେତୃତ୍ୱରେ ଗୁରୁବାର ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେରିଗୁମାଠାରେ ପୂର୍ବାହ୍ନ ୧୦ ଟାରେ ଭାଜପାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପାଙ୍ଗଣ ଓ ସେରିଗୁମା ଚତୁଃପାର୍ଶ୍ୱରେ ଥିବା ଅନାବନା ଗଛ, ପଲଥିନ, ପ୍ଲାଷ୍ଟିକ ସାମଗ୍ରୀକୁ ଏକାଠି କରି ନିଆଁ ଲଗାଇ ନଷ୍ଟ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ମନୋଜ କୁମାର ସେଠି, କେଶରୀ ଭତ୍ରା, ହାଡ଼ି ମୁଣ୍ଡେଟି, ହେମନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବଜରଙ୍ଗ ଦଳ ପକ୍ଷରୁ ଶିବାଜୀଙ୍କ ଜୟନ୍ତୀ

ଗୁଡାରି,୧୯।୨ (ପ୍ରମୋଦ କୁମାର ପତି)

ଗୁଡାରି ସହରର ଏଟିଏମ୍ ଛକରେ ଗୁରୁବାର ସନ୍ଧ୍ୟାରେ ବଜରଙ୍ଗ ଦଳ ପକ୍ଷରୁ ବୀର ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ବଜରଙ୍ଗ ଦଳର କର୍ମକର୍ତ୍ତା ଏକତ୍ରିତ ହୋଇ ଶିବାଜୀ ମହାରାଜଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦେଶରେ ହିନ୍ଦୁ ସମାଜ ପ୍ରତିଷ୍ଠାରେ ଛତ୍ରପତି ଶିବାଜୀଙ୍କ ଭୂମିକା ସମ୍ପର୍କରେ କିରଣ ନନ୍ଦ ଉପସ୍ଥିତ ହିନ୍ଦୁ ପ୍ରେମୀଙ୍କୁ କହିଥିଲେ। ହିନ୍ଦୁ ସମାଜ ଏକତ୍ରିତ ହେଲେ ଏକ ସୁଦୃଢ ଭାରତ ଗଠନ ହୋଇପାରିବ ବୋଲି ନାରା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜଗଦୀଶ ନାୟକ, ନେତ୍ରା ସାହୁ, ରଘୁନନ୍ଦନ ସାହୁ, କେ. ଶ୍ରୀନିବାସ, ବୁବୁରୁ ଦଳପତି, କୋରଡ଼ା ସୁଧୀରଙ୍କ ସମେତ ବହୁ ହିନ୍ଦୁ ପ୍ରେମୀ ଯୋଗଦେଇଥିଲେ।

## ସାଦା ବଦଳରେ ଚିକେନ୍ ବିରିୟାନୀ ଦେବାରୁ ଉତ୍ତେଜନା

ଗୁଣପୁର,୧୯।୨(ସଂକେତ ପାତ୍ର/ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ନୂତନ ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଏକ ହୋଟେଲରେ ପରସା ଯାଇଥିବା ଖାଦ୍ୟକୁ ନେଇ ବୁଧବାର ରାତିରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୋକାନୀ ସାଧା ବିରୀୟାନି ବଦଳରେ ଚିକେନ୍ ବିରୀୟାନି ଦେଇଥିବାରୁ ଉତ୍ତେଜିତ ଲୋକ ହୋଟେଲରେ ତାଲା ପକାଇ ପୋଲିସକୁ ଜିମା ଦେବା ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ଅଭିଯୋଗରୁ ଜଣାଯାଏ, ହୋଟେଲ ରୟାଲ ଦମ ବିରିୟାନୀରୁ ନେତାଜୀ ନଗରର ଭୁବନା ମହାପାତ୍ର ନାମକ ଜୈନକ ବ୍ୟକ୍ତି ସାଦା ବିରିୟାନୀ ପାର୍ସଲ କରି ଘରକୁ ନେଇଥିଲେ। ବିରିୟାନୀର ଟେଷ୍ଟ କିଛି ଅଲଗା ଅନୁଭବ କରିବା ସହ ସେଥିରୁ ଛୋଟ ଛୋଟ ଚିକେନ ଖଣ୍ଡ ପାଇଥିଲେ। ତୁରନ୍ତ ଖାଇବା ବନ୍ଦ କରି ବିରିୟାନୀକୁ ନେଇ ହୋଟେଲକୁ ଯାଇ ପଚରାଉଚରା



ହୋଟେଲ ମାଲିକ ଏବଂ ଗ୍ରାହକଙ୍କ ମଧ୍ୟରେ ବଚସା ହେଉଛି।

କରିଥିଲେ। ଏହାକୁ ନେଇ କିଛି ସମୟ ଦୋକାନ ମାଲିକ ଏବଂ ଗ୍ରାହକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ସାଧା ବିରିୟାନୀ ହାଣ୍ଡି ଦେଖାନ୍ତୁ ବୋଲି ଗ୍ରାହକମାନେ ପଚାରିଥିଲେ। ତେବେ ବିରିୟାନୀ ସରି ଯାଇଥିବା ହୋଟେଲ ମାଲିକ କହିଥିଲେ। ଚିକେନ ବିରିୟାନୀରୁ ହିଁ ଚିକେନ ବାଛି ଖାଲି ବିରିୟାନୀ ଦିଆଯାଇଥିବା ଭୁବନା ଅଭିଯୋଗ କରିଥିଲେ । ହୋଟେଲ ମାଲିକ କିନ୍ତୁ ଏହା ମାନି ନ ଥିଲେ । କିଛି ସମୟ ପରେ ହୋଟେଲରେ ବିଜେଡି ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ବାଉରି, ଭାଜପା ନେତା ଟିଙ୍କୁ ପଣ୍ଡା ଏବଂ ଅନ୍ୟ ଲୋକେ ପହଞ୍ଚି ହୋଟେଲରେ ତାଲା ପକାଇ ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ ପକ୍ଷରୁ କୁହାଯାଇଛି । ପୋଲିସ ପକ୍ଷରୁ ହୋଟେଲ ମାଲିକଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଏହି ଘଟଣା ପରେ ସହରରେ ଛତୁ ଫୁଟିଲା ପରି ଖୋଲିଥିବା ହୋଟେଲଗୁଡ଼ିକର ଖାଦ୍ୟର ମାନ ଯାଞ୍ଚ ପାଇଁ ଦାବି ଉଠିଛି।

### ହୋଟେଲରେ ପଡ଼ିଲା ତାଲା, ବିଭିନ୍ନ ହୋଟେଲର ମାନ ଯାଞ୍ଚ ଦାବି

## ଘରେ ପଶି ସୁନାଚେନ୍ ଲୁଟ୍ ଘଟଣା, ୨ଗିରଫ

ମୁନିଗୁଡା,୧୯।୨ (ନନ୍ଦ କିଶୋର ପଟ୍ଟନାୟକ )

ମୁନିଗୁଡା ସହରର ଗୁଣ୍ଡିଚାନଗର ଛକରେ ଘରେ ପଶି ଛୁରୀରେ ଆକ୍ରମଣ ସହ ସୁନାଚେନ ଲୁଟ ଘଟଣାରେ ପୋଲିସ ଜଣକୁ ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ଯୁଧିଷ୍ଠି କୈଶଲ୍ୟା ଓ ରୋହିତ ହିଆଲକୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ପୋଲିସ ଚୋରି ସୁନା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଡିସେମ୍ବର ୧୩ ତାରିଖ ସନ୍ଧ୍ୟାରେ ଘରଭଡା ବାହାନାରେ ଅଜୟ କୁମାର ରାଉତଙ୍କ ଘରେ ୨ଜଣ ଯୁବକ ପଶି ତାଙ୍କ ସ୍ତ୍ରୀଙ୍କୁ ଛୁରୀରେ ଆକ୍ରମଣ କରିବା ସହ ବେକରେ ପିନ୍ଧିଥିବା ସୁନା ଚେନ ଲୁଟି ନେଇଥିଲେ। ଏ ନେଇ ଅଜୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତକରି ଲୁଟ୍ ସୁନା ଉଦ୍ଧାର କରି ତାଙ୍କୁ ହସ୍ତାନ୍ତର କରିଛି।

# ରାୟଗଡ଼ା ସହରକୁ ସ୍ୱଚ୍ଛ, ସୁନ୍ଦର, ଆବର୍ଜନାମୁକ୍ତ କରାଯିବ

ରାୟଗଡ଼ା ,୧୯।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌର ପରିଷଦ ଅଡିଟୋରିୟମଠାରେ ସହରର ସ୍ୱଚ୍ଛତା ବଜାୟ ରଖୁଥିବା ସଫେଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଷ୍ଠାର ସହ କାର୍ଯ୍ୟକରୁଥିବା କିଛି ସଫେଇ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାୟ୪୦୦ରୁ ଅଧିକ ସଫେଇ କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ପରିମଳ କର୍ମଚାରୀଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପୁସ୍ତିକା ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସାମୂହିକ ଭୋଜିର ଆୟୋଜନ ହୋଇଥିଲା। ଏଥିରେ ଉପସ୍ଥିତ ଅତିଥି ନିଜେ ସଫେଇ କର୍ମଚାରୀଙ୍କୁ ଖାଦ୍ୟ ପରଷି ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ଖାଦ୍ୟ ପରଷିଥିଲେ । ପି.ଡି. ଡୁଡା ଅକ୍ଷୟ କୁମାର ଖେମୁଣ୍ଡ ସମ୍ମାନିତ ଅତିଥି , ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡା ଏବଂ ସମସ୍ତ କାଉନସିଲର, ସ୍ୱଚ୍ଛତା ବିଶେଷଜ୍ଞ, ସ୍ୱଚ୍ଛସାଥୀ ଏବଂ ସ୍ୱଚ୍ଛ ସୁପରଭାଇଜର ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୬ରେ ରାୟଗଡା ପୌର ପରିଷଦର ସ୍ଥାନକୁ ଜାତୀୟ ସ୍ତରରେ ଉପରକୁ ଉଠାଇବା ଏବଂ ପୁରସ୍କୃତ ହେବାପାଇଁ ବିବେଚିତ କରିବାରେ



ଜିଲାପାଳ ସଫେଇ କର୍ମଚାରୀଙ୍କୁ ଖାଦ୍ୟ ପରଷୁଛନ୍ତି।

### ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ସଭା

ସହଯୋଗ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହାସହ ରାୟଗଡ଼ା ସହରରେ ଜମି ରହିଥିବା ଆବର୍ଜନା ଖୁବ୍‌ଶୀଘ୍ର ପ୍ରକ୍ରିୟାକରଣ (ବାୟୋ ମାଇନିଂ) କରାଯାଇ ସହରକୁ ଆହୁରି ସୁନ୍ଦର ଏବଂ ଆବର୍ଜନାମୁକ୍ତ କରାଯିବା ସହ ୱାର୍ଡ ନଂ. ୩ରେ ଏକ ବୃହତ୍ ଆବର୍ଜନା ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯାଇ ଉନ୍ନତମାନର ଯାନ୍ତ୍ରିକ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ । ରାୟଗଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କମ୍ପାନୀର ଭୂମିପୂଜାକୁ ରୋକିଲେ ଅଞ୍ଚଳବାସୀ

## ସେରୁବନ୍ଧ ବକ୍ସାଇଟ ପାହାଡ଼ ରାସ୍ତା ନିର୍ମାଣକୁ ବିରୋଧ

ପଟ୍ଟାଙ୍ଗି,୧୯।୨(ଶରତ କୁମାର ଧଳ)



ପଟ୍ଟାଙ୍ଗି ବ୍ଲକ୍ ୪ ଗ୍ରାମର ଗ୍ରାମବାସୀ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତ ଅଧୀନ ସେରୁବନ୍ଧ ବକ୍ସାଇଟ ପାହାଡ଼କୁ ରାସ୍ତା ତିଆରି କରିବାକୁ ଏକ ଘରୋଇ କମ୍ପାନୀ ପକ୍ଷରୁ ଭୂମିପୂଜା ପାଇଁ କରାଯାଉଥିବା ପ୍ରସ୍ତୁତି ପୂର୍ବରୁ ଅଞ୍ଚଳବାସୀ ଗୁରୁବାର ବିରୋଧ କରିଛନ୍ତି। ମାଳିପୁଟ ଗ୍ରାମ ଛକ ନିକଟରେ ୩, ୪ ଗ୍ରାମର ଗ୍ରାମବାସୀ ଏକତ୍ର ହୋଇ ଏହି ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ବ୍ଲକ୍‌ର ମାଳିପୁଟ, କୋଟିଆ, ପଟ୍ଟାଙ୍ଗି, ନୂଆଗାଁ ସହ ସେମିଳିଗୁଡା ବ୍ଲକର ୨ ପଞ୍ଚାୟତବାସୀ ଏହି ବକ୍ସାଇଟ ଖଣି ଖନନକୁ ଦୀର୍ଘ ବର୍ଷ ହେବ ବିରୋଧ କରି ଆସୁଥିବା ବେଳେ ଏବେ ପଲ୍ଲୀ ଓ ଗ୍ରାମସଭାକୁ ବିରୋଧ କରିଆସୁଛନ୍ତି।

ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତିରୁ ଖଣି ଖନନ ଓ ରାସ୍ତା ନିର୍ମାଣ କରିବା ପାଇଁ ଘରୋଇ କମ୍ପାନୀର କେତେକ ଲୋକ ଗ୍ରାମବାସୀଙ୍କୁ ଟଙ୍କା ଦେଇଥିବା ଅଞ୍ଚଳବାସୀ ଖବର ପାଇଥିଲେ। ପାହାଡ଼ ଉପରକୁ ଖଣି ଖନନ ରାସ୍ତା ପାଇଁ ସର୍ଭେ କରାଯାଉଥିବା ଶୁଣି ଅଞ୍ଚଳବାସୀ ଉତ୍ତ୍ୟକ୍ତ ହୋଇ ଭୂମିପୂଜା କରିବାକୁ ଦେଇ ନ ଥିଲେ। ପ୍ରକାଶ, ମାଳିପୁଟ ଦେଇ ସେରୁବନ୍ଧ ପାହାଡ଼କୁ ଯାଇଥିବା ରାସ୍ତାକୁ ଓସାରିଆ କରିବା ପାଇଁ ଏକ ଘରୋଇ କମ୍ପାନୀକୁ ନାଲ୍‌କୋ ପକ୍ଷରୁ ଟେଣ୍ଡର ମିଳିଛି। କିନ୍ତୁ ଏହି କାମ ଆଗେଇ ପାରୁ ନ ଥିବାରୁ ରାସ୍ତା ନିର୍ମାଣ ପାଇଁ ଭୂମିପୂଜା ପୂର୍ବରୁ ଟଙ୍କା ବାଣ୍ଟି ଲୋକଙ୍କୁ ଭୁଟେଇ ଠିକା ସଂସ୍ଥା କାମ ଆରମ୍ଭ କରିବ ବୋଲି ଗାଁ ସାରା ପ୍ରଚାର ହେବା ପରେ ଏଭଳି ପରିସ୍ଥିତି ଉପୁଜିବା ସହ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଞ୍ଚଳବାସୀଙ୍କ ବିରୋଧ ପରେ ଘରୋଇ କମ୍ପାନୀ ଫେରିଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ସ୍କୁଲ ଅଫିସ୍ ରୁମ୍‌ରୁ ପିଅନଙ୍କ ଝୁଲନ୍ତା ମୃତଦେହ ଜବତ

### ଆତ୍ମହତ୍ୟା ସନ୍ଦେହ

ନନ୍ଦପୁର,୧୯।୨(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ବିଲାପୁଟ ପଞ୍ଚାୟତର ଜବାଗଡ଼ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଫିସ୍ ରୁମ୍‌ରୁ ଜଣେ ପିଅନ(ସିସିଏ)ଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଗୁରୁବାର ଜବତ ହୋଇଛି। ମୃତକ ହେଲେ ଶିବା ନାୟକ(୪୦)। ସୂଚନାନୁଯାୟୀ, ଶିବା କିଛି ପାରିବାରିକ ବିଶୃଙ୍ଖଳା ଯୋଗୁ ୪-୫ ଦିନ ହେବ ଘରକୁ ନ ଯାଇ ସ୍କୁଲ ଛାତ୍ରାବାସରେ ରହୁଥିଲେ। ବୁଧବାର ରାତିରେ ସମସ୍ତ କାର୍ଯ୍ୟ ସାରି ଅଫିସ୍ ରୁମ୍ ପଙ୍ଖାରେ ଝୁଲି ପଡ଼ି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଖୋସ୍‌ଲା ଓ ଶିବାଙ୍କ ସ୍ତ୍ରୀ ସୁମିତ୍ରା ନାଇକାମ ମାଛକୁଣ୍ଡ ଥାନାରେ ଏତଲା ଦେଇଛନ୍ତି। ପୋଲିସ ୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଥାନାଧିକାରୀ କୁଳମଣି ବୁରୁଦା ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ବୁରୁଦା କହିଛନ୍ତି। ଏଥିପ୍ରତି ଦୃଷ୍ଟି ରଖିଥିବା ନନ୍ଦପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନଗେନ ତ୍ରିପାଠୀ ସୂଚନା ଦେଇଛନ୍ତି।

### ଘାଟିରୁ ୨୪୬ କିଲୋ ଗଞ୍ଜେଇ ଜବତ

ନନ୍ଦପୁର/ଲମତାପୁଟ, ୧୯।୨
(ତୁଷାରକାନ୍ତ ମହାନ୍ତି/ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ନନ୍ଦପୁର ପୋଲିସ ଉପଖଣ୍ଡ ଅଧୀନ ମାଛକୁଣ୍ଡ ପୋଲିସ ଡକରିପଡ଼ା ଘାଟିରେ ଚାଲାଣ ପାଇଁ ଗଚ୍ଛିତ ଥିବା ଗଞ୍ଜେଇ ଜବତ କରିଛି। ୧୦ ଜରି ବସ୍ତାରୁ ୨୪୬ କିଲୋ ଗଞ୍ଜେଇ ଥିବା ଜଣାପଡ଼ିଛି। ପୋଲିସକୁ ଦେଖି ଚାଲାଣକାରୀ ଖସି ପଳାଇଥିଲେ। ମାଜିଷ୍ଟ୍ରେଟ୍ ଓ ସାକ୍ଷୀଙ୍କ ଉପସ୍ଥିତିରେ ଓଜନ କରାଯାଇ ଗଞ୍ଜେଇ ଜବତ କରାଯାଇଛି। ମାଛକୁଣ୍ଡ ଥାନାରେ ନଂ.୩୦/୨୦୨୬ରେ ମାମଲା ରୁଜୁ କରିଛି। ଏସ୍‌ଆଇ ଏସ୍.କେ.ଘୋଷ ତଦନ୍ତ କରୁଥିବା ଥାନାଧିକାରୀ କୁଳମଣି ବୁରୁଦା ସୂଚନା ଦେଇଛନ୍ତି।

# କେନ୍ଦ୍ରୀୟ ଏନ୍‌ସିପିଆର୍ ରେଜିଷ୍ଟ୍ରାରଙ୍କ ଜିଲାପାଳଙ୍କୁ ପତ୍ର

ନନ୍ଦପୁର,୧୯।୨(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲାର ଶିକ୍ଷା ବିଭାଗରେ ଅଧିକାରୀ ଅଭାବୀ ସ୍ଥିତି ତୁରନ୍ତ ଦୂର କରିବାକୁ ରାଷ୍ଟ୍ରୀୟ ବାଲ ଅଧିକାର ସଂରକ୍ଷଣ ଆୟୋଗ(ଏନ୍‌ସିପିସିଆର୍) ରେଜିଷ୍ଟ୍ରାର ରାଜେଶ କୁମାର ସିଂ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ସିପିଆର ରେଜିଷ୍ଟ୍ରାର ରାଜେଶ ସିଂଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ଏଫ ନ ଓଡି-ଇବିଏନ ୯୩୦୦୨/୨୦୨୫-୨୬ ଇଡିୟୁ ତା.୧୮।୨।୨୦୨୬ରେ ପତ୍ର ଲେଖି ଜିଲାପାଳଙ୍କୁ ତୁରନ୍ତ ଜିଲାରେ ଶିକ୍ଷା ବିଭାଗର ଅଭାବୀ ବିଇଓ ଏବଂ ଏବିଇଓ ପଦବୀ ପୂରଣ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉଲ୍ଲେଖ କରିଛନ୍ତି।

ସୂଚନାନୁଯାୟୀ, ଜିଲା ଶିକ୍ଷା ବିଭାଗର ଏଭଳି ଅଭାବ ସ୍ଥିତି ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାକୁ ସାମାଜିକ କର୍ମୀ ତଥା ଆଇନଜୀବୀ ଅନୁପ ପାତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଏନସିପିସିଆର ରେଜିଷ୍ଟ୍ରାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ପ୍ରକାଶ ଯେ,କୋରାପୁଟ ଜିଲାର ୧୪ ବ୍ଲକରେ ୧୪ ବିଇଓ ଓ ୪୨ ଏବିଇଓ ନିଯୁକ୍ତି ରହିବା ପ୍ରାବଧାନ ଥିଲେ ସୁଦ୍ଧା ମାତ୍ର ୬ଜଣ ନିୟମିତ ବିଇଓ ଓ ୧୫ ନିୟମିତ ଏବିଇଓ ରହିଛନ୍ତି। ଜିଲାରେ ୮ ବିଇଓ ପଦବୀ ଓ ୨୭ ଏବିଇଓ ପଦବୀ ଖାଲି ଥାଇ ଭାରପ୍ରାପ୍ତଙ୍କ ଦ୍ୱାରା ପରିଚାଳିତ ହେଉଛି। ଏଥିଯୋଗୁ ଜିଲାର ୨୩୪୯ ବିଦ୍ୟାଳୟର ୩୯୩୯୦୦ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ, ମଧ୍ୟାହ୍ନ ଭୋଜନ ଓ ପ୍ରଶିକ୍ଷଣ ଆଦି ପ୍ରଭାବିତ ହେଉଥିବା ଜଣାପଡ଼ିଛି। ଏନ୍‌ସିପିସିଆର ରେଜିଷ୍ଟ୍ରାରଙ୍କ ହସ୍ତକ୍ଷେପ ଓ ଉଦ୍‌ବେଗ ପ୍ରକାଶ ପରେ ଜିଲା ପ୍ରଶାସନ ଓ ରାଜ୍ୟ ଶିକ୍ଷା ବିଭାଗ ଜିଲାର ଶିକ୍ଷା ବିଭାଗରେ ଥିବା ଅଭାବୀ ସ୍ଥିତି ପୂରଣ କରିବାକୁ ଆଗଭର ହେବେ ବୋଲି ଆଶା ରଖିଥିବା ଶିକ୍ଷାବିତ୍‌ମାନେ କହିଛନ୍ତି।



राजेश कुमार सिंह
Rajesh Kumar Singh
रजिस्ट्रार
Registrar

भारत सरकार
GOVERNMENT OF INDIA
राष्ट्रीय बाल अधिकार संरक्षण आयोग
NATIONAL COMMISSION FOR PROTECTION OF CHILD RIGHTS

F. No. OD- EBN 93002/2025-26/EDU
Dated: 18/02/2026

To,
Collector & District Magistrate
Collectorate Korapur-764020 Odisha
Phone: 06852250700
E-mail: dm-koraput@nic.in

Subject: Alleged shortage of Block Education Officers in Koraput – Matter Regarding.

Sir,

The National Commission for Protection of Child Rights (hereinafter referred to as 'the Commission') is a statutory body constituted under Section 3 of the Commission for Protection of Child Rights (CPCR) Act, 2005 to protect the child rights and other related matters in the Country. The Commission is further mandated to monitor the proper and effective implementation of the Protection of Children from Sexual Offences (POCSO) Act, 2012; Juvenile Justice (Care and Protection of Children) Act, 2015 and Right to Free and Compulsory Education (RTE) Act, 2009. In one of the functions laid down under Section 13 of the CPCR Act, 2005 the Commission has been assigned with the function to examine and review the safeguards provided by or under any law for the time being in force for the protection of child rights and recommend measures for their effective implementation. The Commission also has the powers of Civil Court trying a suit under Section 14 of CPCR Act, 2005 and Code of Civil Procedure, 1908.

2. The Commission has received a representation through email from Adv. Anup Kumar Patro regarding the condition of the primary and elementary education system in the 14 blocks of Koraput district. It has been stated that out of the 14 blocks, only 6 have regular Block Education Officers (BEOs), and that 25 out of the 42 sanctioned posts of Additional Block Education Officers (ABEOs) are presently vacant. Further, 8 blocks are reportedly functioning under "additional charge" arrangements. The complainant has requested the recruitment or immediate transfer of qualified officers to fill the 25 vacant ABEO posts in Koraput and the appointment of regular BEOs in the 8 blocks currently operating under additional charge.

3. Therefore, the Commission is forwarding the representation to you for taking appropriate action at your end and for disposing of the matter with due intimation to the complainant.

Yours sincerely,
(Rajesh Kumar Singh)
Registrar, NCPCR

ଏନ୍‌ସିପିସିଆର ରେଜିଷ୍ଟ୍ରାରଙ୍କ ପକ୍ଷରୁ କରାଯାଇଥିବା ଚିଠି।

# ରିତୁ କଣ୍ଟା କୋରାପୁଟ ଜିଲା ମହିଳା ୱିଙ୍ଗ ଅଧ୍ୟକ୍ଷା

ସୁନାବେଡ଼ା,୧୯।୨
(କୃତ୍ତିବାସ ପ୍ରଧାନ)



କୋରାପୁଟ ଜିଲା ସୁନାବେଡା ପୌରପାଳିକା ଉପାଧ୍ୟକ୍ଷା ରିତୁ କଣ୍ଟାଙ୍କୁ ଜିଲାର ଇଣ୍ଡିଆନ ଚାମ୍ବର୍ସ ଅଫ କମର୍ସ ଫର୍ ଏସସି ଏସଟି ଓ ମହିଳା ଉଦ୍ୟମୀ ମହିଳା ୱିଙ୍ଗ ଜିଲା ଅଧ୍ୟକ୍ଷା ଭାବେ ନିଯୁକ୍ତ କରାଯାଇଥିବା ସୂଚନା ମିଳିଛି। ଉପଧ୍ୟକ୍ଷା କଣ୍ଟା ଜିଲା ଅଧ୍ୟକ୍ଷା ଭାବେ ଗ୍ରାମୀଣ ଓ ସହରର ଆଦିବାସୀ ମହିଳାଙ୍କୁ ସଚେତନ କରିବା, କୌଶଳ ବିକାଶ ଶିବିର ଆୟୋଜନ କରିବା, ଶିଳ୍ପ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଷ୍ଟାର୍ଟଅପ ସହ ସମନ୍ୱୟ ବଢ଼ାଇ ପାରିବେ। ଏଥିସହ ଉଦ୍ୟମୀ ମହିଳାଙ୍କୁ ଉତ୍ସାହିତ କରିବା ସହ ଟ୍ରେନିଂ, ନେଟୱର୍କିଂ ଓ ନୂତନ ବ୍ୟବସାୟ ସୁଯୋଗ ସୃଷ୍ଟି କରାଇପାରିବେ।

# ଜିଲାର ୯୪ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ

## ପ୍ରଥମ ଦିନରେ ୬୬୩ ପରୀକ୍ଷାର୍ଥୀ ଅନୁପସ୍ଥିତ

କୋରାପୁଟ, ୧୯।୨(ଅମିତାଭ ବେହେରା)

କୋରାପୁଟ ଜିଲାର ୯୪ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନର ପରୀକ୍ଷାରେ ୬୬୩ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ଜିଲାର ୨୭୫ ବିଦ୍ୟାଳୟର ୧୯,୬୭୫ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିଲେ। ସେମାନଙ୍କ ପାଇଁ ୯୪ କେନ୍ଦ୍ରରେ ପରୀକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରଥମଦିନରେ ମାତୃଭାଷା ପରୀକ୍ଷା ହୋଇଥିଲା। କୌଣସି କେନ୍ଦ୍ରରୁ କପିକୁ ନେଇ କିଛି ସୂଚନା ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ରେଗୁଲାର ବର୍ଗରେ ୧୮,୧୫୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭,୯୮୯ ଜଣ ପରୀକ୍ଷା ଦେଇଛନ୍ତି। ୧୬୯ଜଣ ଅନୁପସ୍ଥିତ ରହିଥିଲେ। ଏକ୍ସ-ରେଗୁଲାରରେ ୧୧୦ ମଧ୍ୟରୁ ୧୦୬ ଜଣ ଉପସ୍ଥିତ ଥିଲେ। ଏସ୍‌ଓଏସସିରେ ୧,୩୧୪ ମଧ୍ୟରୁ ୮୨୬ଜଣ ପରୀକ୍ଷା ଦେଇଛନ୍ତି। ୪୮୮ ଜଣ ଅନୁପସ୍ଥିତ ରହିଥିଲେ। ମଧ୍ୟମାରେ ୧୪ ମଧ୍ୟରୁ ୧୩ ଓ ଡିଷ୍ଟାନ୍ସରେ ୧୫ ମଧ୍ୟରୁ ୧୪ ଜଣ ପରୀକ୍ଷା ଦେଇଥିବା ଜଣାପଡିଛି। ଗୁରୁବାର ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ୧୨ କେନ୍ଦ୍ର ପରିଦର୍ଶନ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ଥାନା ଘେରିଲେ ମୃତକଙ୍କ ପରିବାର

ଜୟପୁର,୧୯।୨(ପବନ ପାଣିଗ୍ରାହୀ)

ଜୟପୁର ଗ୍ଲୋକାଲ ହସ୍ପିଟାଲ ବାଇପାସ ରାସ୍ତାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଘାସିରାମ ଗଲୋରୀ(୩୮)ଙ୍କ ପରିବାର ଲୋକେ ଗାଡ଼ି ମାଲିକଙ୍କୁ ଗିରଫ କରିବା ଦାବିରେ ଟାଉନ ଥାନା ଘେରାଉ କରିଛନ୍ତି। ଦୁର୍ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକଙ୍କୁ ଗିରଫ କରାଯାଇନଥିବାରୁ ଉତ୍ତେଜନା ସୃଷ୍ଟି ହୋଇଛି। ବୁଧବାର ପାତ୍ରପୁଟର ଘାସିରାମ ଓ ଭଟ୍ଟାଛିଞ୍ଚିର କ୍ରିସ କୁମାର ନାଗ ବାଇକ ଯୋଗେ ଯାଉଥିବା ବେଳେ ଜଗନ୍ନାଥ ସାଗର ବାଇପାସ ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ୪ ଚକିଆ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ଘାସିରାମଙ୍କ ମୃତ୍ୟୁ ହୋଇଥିଲା। କ୍ରୀସଙ୍କୁ ଗୁରୁତର ଅବସ୍ଥାରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପରିବାର ଲୋକେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସନ୍ଦେହରେ ଜଣେ ଗାଡି ଚାଳକଙ୍କୁ ଅଟକ ରଖିଥିଲେ। ଚାଳକଙ୍କୁ ୨୪ ଘଣ୍ଟା ଥାନାରେ ଅଟକ ରଖି ସମସ୍ୟାର ସମାଧାନ କରୁ ନ ଥିବାରୁ ଥାନାରେ ଧସେଇ ପଶି ଘେରାଉ କରିଥିଲେ। ଥାନାଅଧିକାରୀ ଉଲ୍ଲାସ ରାଉତ ଗାଡ଼ିକୁ ଅଟକ ରଖାଯାଇଛି, ଗାଡ଼ି ମାଲିକ ଆସିବା ପରେ ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ। ଘଟଣାସ୍ଥଳର ସିସିଟିଭି ଫୁଟେଜ ଦେଖାଇବା ପରେ ଲୋକେ ବିକ୍ଷୋଭରୁ ହଟିଥିଲେ।

# ନନ୍ଦପୁର ଷ୍ଟେଟବ୍ୟାଙ୍କ ଶାଖା କାର୍ଯ୍ୟକ୍ଷମ

ନନ୍ଦପୁର,୧୯।୨(ତୁଷାର କାନ୍ତ ମହାନ୍ତି)



କାର୍ଯ୍ୟକ୍ରମରେ ଉପସ୍ଥିତ ବିଡିଓ ଓ ଅନ୍ୟମାନେ ।

କୋରାପୁଟ ଜିଲା ନନ୍ଦପୁର ଷ୍ଟେଟବ୍ୟାଙ୍କ ଶାଖା ଗୁରୁବାର କାର୍ଯ୍ୟକ୍ଷମ ହୋଇଛି। ଶାଖାରେ ସମସ୍ତ ଆର୍ଥିକ ନେଣଦେଣ ଓ ଅନ୍ୟ ବ୍ୟାଙ୍କ ସେବା ପ୍ରଦାନ କରାଯାଉଥିବା ଶାଖା ପରିଚାଳକ ସିଦ୍ଧାନ୍ତ ପାତ୍ର ଓ କ୍ୟାଶିୟର ପ୍ରଦୋତ୍ତ ମହାନ୍ତି ସୂଚନା ଦେଇଛନ୍ତି। ଏହି ଅବସରରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ଭାଜପା ନେତା ଏସ୍.କେ. ଗଫୁର ପ୍ରମୁଖ ଉପସ୍ଥିତ ଥିଲେ। ଶାଖା ପରିଚାଳକ ଓ ବ୍ୟାଙ୍କ ଗ୍ରାହକଙ୍କ ସହ ଆଲୋଚନା କରିଥିଲେ। ଏହି ଶାଖାରେ ନନ୍ଦପୁର ବ୍ଲକ୍‌ର ୧୨, ଲମତାପୁଟ ବ୍ଲକର ୪ ଓ ସେମିଳିଗୁଡା ବ୍ଲକ୍‌ର ୪ ପଞ୍ଚାୟତବାସୀ ବ୍ୟାଙ୍କ ସେବା ପାଇ ଉପକୃତ ହେବେ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ନଂ. | ଖତିୟାନ ର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଲତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଟାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଳ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

**OIPR-32001/32557/3/25-26/0003**

# ଯୁବକଙ୍କୁ ଆକ୍ରମଣ କରିବାରୁ ଆକ୍ରମଣକାରୀଙ୍କ ଘରକୁ ଘେରିଲେ ଗ୍ରାମବାସୀ

ମାଲକାନଗିରି,୧୯।୨ (ଦୁର୍ଯ୍ୟୋଧନ ପାତ୍ର)



ଗ୍ରାମବାସୀ ଗଣ୍ଡଗୋଳ କରୁଛନ୍ତି।

ଗତ ଫେବୃଆରୀ ୧୫ ତାରିଖ ଶିବରାତ୍ର ଉପଲକ୍ଷେ ବାଲିମେଳା ସହରରେ ଶିବ ମନ୍ଦିର ପରିସରରେ ଏକ ନାଟକ ଅନୁଷ୍ଠିତ ହୋଇଥିଲା। ଏହି ନାଟକରେ ଚିତାପାରୀ -୧ ଗ୍ରାମର କିଛି ଯୁବକ ଯୋଗ ଦେଇଥିଲେ। ବାଲିମେଳାର କେତେଜଣ ଯୁବକ ଓ ଚିତାପାରୀ -୧ ଗ୍ରାମର ଯୁବକଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ଗୁରୁବାର ଚିତାପାରୀ-୧ ଗ୍ରାମର ୨ଜଣ ଯୁବକ ବାଲିମେଳାର ଏକ ମୋବାଇଲ ଦୋକାନକୁ ଆସିଥିବା ବେଳେ ବାଲିମେଳାର ୨ଜଣ ଯୁବକ ତାଙ୍କୁ ଦେଖି ତାଙ୍କ ଉପରେ ଆକ୍ରମଣ କରିବା ସହ ମାରପିଟ କରିଥିଲେ । ଫଳରେ ଚିତାପାରୀ ଗ୍ରାମର ଯୁବକଦ୍ୱୟ ଏ ସମ୍ବନ୍ଧରେ ଗ୍ରାମବାସୀଙ୍କୁ ଖବର ଦେବାପରେ ଚିତାପାରୀ ଗ୍ରାମବାସୀ ବାଲିମେଳା ସହରକୁ ଆସି ବାଲିମେଳା ସହରର ଉକ୍ତ ଦୁଇ ଯୁବକଙ୍କ ଘରକୁ ଘେରାଉ କରିଥିଲେ । ଏହି ଘଟଣା ସମ୍ବନ୍ଧରେ ଓର୍କେଲ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ । ତେବେ ଗ୍ରାମବାସୀ ବାଲିମେଳାର ୨ଯୁବକଙ୍କ ନାମରେ ଓର୍କେଲ ଥାନାରେ ମାମଲା ରୁଜୁ କରିଛନ୍ତି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଓର୍କେଲ ପୋଲିସ କହିଛି।

# ଗୋପବନ୍ଧୁଙ୍କ ସ୍ମରଣିକା ଉନ୍ମୋଚନ

ନବରଙ୍ଗପୁର,୧୯।୨(ସଦାଶିବ ପ୍ରହରାଜ)

ଗୋପବନ୍ଧୁ ବିଷୋୟୀଙ୍କ ଚତୁର୍ଦ୍ଦଶ ଶ୍ରଦ୍ଧାଞ୍ଜଳୀ ସଭା ଅବସରରେ ଗୁରୁବାର ନବରଙ୍ଗପୁର ଚୈତନ୍ୟମନ୍ଦିର ପରିସରରେ ମୁନା ତ୍ରିପାଠୀଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଏକ ସ୍ମରଣିକା ଉନ୍ମୋଚନ ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ଗୋପବନ୍ଧୁ ଜଣେ ସାମାଜିକ କର୍ମୀ, ଉପକାର ପତ୍ରିକାର ସମ୍ପାଦକ, ରାଜନେତା, ଲେଖକ, ଗବେଷକ, ସ୍ତମ୍ଭକାର ଓ ଧାର୍ମିକ ବ୍ୟକ୍ତି ଥିଲେ ବୋଲି କହିଥିଲେ। ଏହି ଅବସରରେ ବର୍ଷିଆନ ରାଜନେତା ନାରାୟଣପାତ୍ର, ପୌରାଧ୍ୟକ୍ଷ କୁନୁନାୟକ, ଡିଆଇପିଆର୍‌ଓ ମନୋଜ ବେହେରା, ଡିସିଓ ଘାସିଆ ହରିଜନ, ପୁଅ ସ୍ୱରୂପାନନ୍ଦ ବିଷୋୟୀଙ୍କ ସମେତ ୪ ଝିଅ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଦାମରେ ବେଆଇନ ଗଚ୍ଛିତ ଥିବା ୩୫୦ କୁଇଣ୍ଟାଲ ଧାନ ଜବତ

କୋରୁକୋଣ୍ଡା,୧୯।୨(ଶିବଦତ୍ତ ସାହୁ )

ମାଲକାନଗିରି ଜଲା ଯୋଗାଣ ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ ପକ୍ଷରୁ ଗୁରୁବାର କୋରୁକୋଣ୍ଡା ବ୍ଲକ କାମ୍ୱେଡା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯଇଥିଲା। କାମ୍ୱେଡା ଅଞ୍ଚଳରେ ଥିବା ରବୀନ୍ଦ୍ର ଦେବନାଥଙ୍କ ଗୋଦାମରେ ବେଆଇନ ଭାବେ ଗଛିତ ଥିବା ୩୫୦ କ୍ୱିଣ୍ଟାଲ ଧାନକୁ ଜବତ ଜରାଯାଇଛି। ଏହି ଗ୍ରାମର ମନୋରଞ୍ଜନ ନାୟକ ନାମକ ବ୍ୟକ୍ତିଙ୍କ ଗୋଦାମରେ ବିପୁଳ ପରିମାଣର ବେଆଇନ ଧାନ ଗଚ୍ଛିତ ଥିବାରୁ ଉକ୍ତ ଗୋଦାମକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଏହି ଚଢ଼ାଉ ସମୟରେ ସହକାରୀ ଯୋଗାଣ ଅଧିକାରୀ ବିଶ୍ୱଜିତ ଦାସ, ମାଜିଷ୍ଟ୍ରେଟ ଭାବେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରା, ମାଲକାନଗିରି ଯୋଗାଣ ନିରୀକ୍ଷକ ରାଜେଶ କୁମାର ଶବର, କୋରୁକୋଣ୍ଡା ଯୋଗାଣ ନିରୀକ୍ଷକ ହରି ଶରଣ ମଲ୍ଲିକଙ୍କ ସମେତ କୋରୁକୋଣ୍ଡା ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ରିପୋର୍ଟ ବିଭାଗ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାଖଲ କରାଯାଇଛି ବୋଲି କୋରୁକୋଣ୍ଡା ଯୋଗାଣ ନିରୀକ୍ଷକ ମଲ୍ଲିକ କହିଛନ୍ତି । ଆଗାମୀ ଦିନରେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ ପ୍ରକ୍ରିୟା ଏବଂ ଚଢ଼ାଉ ଜାରି ରହିବ। ଆଇନ ଉଲଂଘନ କରି ବେଆଇନ ଭାବେ ଧାନ ଗଚ୍ଛିତ ରଖୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏସଓ ଲିଙ୍ଗରାଜ ବେହେରା କହିଛନ୍ତି।

# ରକ୍ତକର୍କଟରେ ପୀଡ଼ିତ ବଣ୍ଡା ଜନଜାତିର ବାଳକ ସନିଆ

ମାଲିକାନଗିରି,୧୯।୨ (ଗୌରିଶଙ୍କର ପଣ୍ଡା)

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ



ସନିଆ ଚଲାଣ ଓ ତାଙ୍କ ମା' ।

ମାଲକାନଗିରି ଜିଲା ବଣ୍ଡାଘାଟିର ଆଦିମ ବଣ୍ଡା ଜନଜାତିର ୧୭ ବର୍ଷୀୟ ନାବାଳକ ସନିଆ ଚଲାଣ ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ଜୀବନ ଓ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଉଚ୍ଚତର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ପରିବାର ଲୋକେ କହିଛନ୍ତି ।

ଖଇରପୁଟ ବ୍ଲକ୍ ଅନ୍ତର୍ଗତ ଅଣ୍ଡ୍ରାହାଲ ଗ୍ରାମର ଗରିବ ବଣ୍ଡା ସମ୍ପ୍ରଦାୟର ହାଡ଼ି ଚଲାଣ ଓ ମା ମଙ୍ଗଳି ଚଲାଣ ଦିନମଜୁରିଆଭାବେ କାର୍ଯ୍ୟକରି ପରିବାର ଚଳାନ୍ତି। କିଛିଦିନ ପୂର୍ବରୁ ସେମାନଙ୍କ ପୁଅ ସନିଆ ଅସୁସ୍ଥ ହେବାରୁ ପ୍ରଥମେ ସ୍ଥାନୀୟ ମାଥିଲି ମେଡିକାଲରେ ଚିକିତ୍ସା କରାଇଥିଲେ। ତେବେ ତାଙ୍କ ଶରୀରରେ ହିମୋଗ୍ଲୋବିନ କମ୍ ଥିବାରୁ ତୁରନ୍ତ ଜିଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରୀକ୍ଷା ପରେ ଜଣାପଡ଼ିଲା ଶରୀରରେ ରକ୍ତ ତିଆରି ହେଉନାହିଁ। ତେବେ ସନିଆଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ଅହରହ ଉଦ୍ୟମ କରିଥିଲେ ହେଁ ଅର୍ଥ ସାଜିଛି ବାଧକ। ଅର୍ଥ ଅଭାବରୁ ପରିବାର ଲୋକେ ସନିଆଙ୍କ ଚିକିତ୍ସା କରାଇ ନ ପାରି ଘରକୁ ଫେରି ଆସିଥିଲେ । ପୁନର୍ବାର ଅବସ୍ଥା ଗୁରୁତର ହେବାରୁ କୋରାପୁଟ ଜିଲା ଲମତାପୁଟ ଆଶାକିରଣ ହସ୍ପିଟାଲ ସହାୟତାରେ ପରୀକ୍ଷା କରାଯାଇଥିଲା। ସେଠାରେ ସ୍ପଷ୍ଟ ହେଲା ସନିଆ ରକ୍ତ କର୍କଟରେ ଆକ୍ରାନ୍ତ। ପରେ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଘରୋଇ ଚିକିତ୍ସାଳୟ ହୋଇଥିବାରୁ ରକ୍ତ ଆବଶ୍ୟକ ହେଲେ ମଧ ଟଙ୍କା ଦେଇ କିଣିବାକୁ ପଡୁଥିବା ବେଳେ ଅର୍ଥ ଅଭାବ ଯୋଗୁ ପରିବାର ଲୋକେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ପୂର୍ବରୁ ସରକାରଙ୍କ ବିଭିନ୍ନ ବୀମା ଯୋଜନାରେ ଚିକିତ୍ସା ହୋଇଥିଲେ ମଧ ବର୍ତ୍ତମାନ ଆଉ ଅର୍ଥ ନ ଥିବାରୁ ସନିଆଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା କହିଛନ୍ତି ପରିବାର ଲୋକେ। ତେବେ ଏହି ସଙ୍କଟ ସମୟରେ ପରିବାର ପକ୍ଷରୁ ସ୍ଥାନୀୟ ପ୍ରଶାସନ, ସରକାର ଓ ସାମାଜିକ କର୍ମୀଙ୍କୁ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିଛନ୍ତି।

